# Akashvani, Sambalpur

## SAMBALPURI NEWS BULLETIN

### 25 September 2024- 6.47- 6.52 am.

***************************************************************

ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି-ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ୍‌ଥି ୪ ହଜାର୍ ୯ ଶହ ୫୪ କୋଟିନୁ ଅଏତ୍‌କା ଟଙ୍କାର୍ ୩୧ ଟା ଶିଳ୍ପ ପ୍ରକଳ୍ପକେ ଅନୁମୋଦନ୍ ଦିଆଯାଇଛେ । ଇ ପ୍ରକଳ୍ପ ମାନ୍‌କର୍ ଜରିଏ ୨୪ ହଜାର୍‌ନୁ ଅଏତ୍‌କା ନୂଆଁ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ଆଶା କରାଯାଉଛେ । ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର ସମ୍ମିଳନୀ କକ୍ଷଥି ହେଇଥିବା ବୈଠକ୍‌ଥି ଅନୁମୋଦିତ୍ ପ୍ରକଳ୍ପ ମାନ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍ ଆର୍ ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର ୧୮ ଟା ଜିଲ୍ଲା ନ ଥାପନା ହେବା । ହେଥୁ ସମ୍ବଲ୍‌ପୁର୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ନ ରିଲାଏନ୍ସ

ବାୟୋ ଏନର୍ଜି  ଆଉ କମ୍ପ୍ରେସ୍‌ଡ୍ ବାୟୋ ଗେସ୍ ର କାର୍‌ଖାନା ହେବା । ସେନ୍ତା ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ୨ ଶହ ୯୪ କୋଟି ଟଙ୍କା ଖଟେଇକରି ୬୦ ମେଗାୱାଟ୍ କ୍ଷମତାର୍ ସୌରଶକ୍ତି ପ୍ଲାଂଟ୍ ଥାପ୍‌ନା କର୍‌ବା ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ- ଖଣି ବିଭାଗ୍‌ର ସମୀକ୍ଷା      ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଖଣି ଭିତିଥି ଶିଳ୍ପାନୁଷ୍ଠାନ୍‌ର ଲାଗି ଖଣିର ସୁପରିଚାଲନା ଜରିଏ ଖଣିର୍ ଉତ୍ପାଦନ୍ ବଢ଼ାବାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜୋର୍ ଦେଇଛନ୍ । ଇତାର୍‌ସଙ୍ଗେ ବେଆଇନ୍ ଖଣି ଖନନ ରୁକ୍‌ବାର୍‌କେ ସେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଇସ୍ପାତ୍ ଆଉ ଖଣି ବିଭାଗ୍‌ର କାମ୍‌ର ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖଣି ରାଜସ୍ୱ ବଢ଼ାବାର୍‌କେ ପଦକ୍ଷେପ୍ ନେବାର୍ ଲାଗି ପରାମର୍ଶ ଦେଇଛନ୍ ।

ପଣ୍ଡିତ୍ ଦୀନ୍‌ଦୟାଲ୍ ଉପାଧ୍ୟାୟ       ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରବାଦୀ ଜନନାୟକ୍ ପଣ୍ଡିତ୍ ଦୀନ୍‌ଦୟାଲ୍ ଉପାଧ୍ୟାୟଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସଭା ଆଏଜ୍ ଉପର୍‌ବେଲା ୪ ବଜେ

ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ହେବା । ହେଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟ ଅତିଥି ଆଇନ୍, ପୂର୍ତ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସମ୍ମାନୀୟ ଅତିଥି ଆର୍ ସାହିତ୍ୟିକ ଭୁବନାନନ୍ଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଜିଲ୍ଲାପାଳ୍ ସମ୍ମିଳନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଜିଲ୍ଲାପାଳ୍ ସମ୍ମିଳନୀ ଆଏବା ୨୭ ଆର୍ ୨୮ ଦୁଇଦିନ୍ ଧରିକରି ହେବାର୍‌କେ ଯାଉଛେ । ହେଥିର୍‌ଲାଗି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟର୍ ସବୁ ବିଭାଗ୍‌ର ସଚିବ ମାନ୍‌କର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଗଲା ଶହେ ଦିନେ ରାଜ୍ୟ ସର୍‌କାର୍‌ଙ୍କର୍ କାମ୍‌ର ସଫଳତା ଆର୍ ସେଥିର୍ ସଠିକ୍ କାର୍ଯ୍ୟକାରିତା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରେଙ୍ଗାଲି ଡେମ୍ ଲାଗି ବାସଚ୍ୟୁତ ଲୋକ୍‌ମାନ୍‌କୁ କ୍ଷତିପୂରଣ୍ ଆର୍ ଜମି ପଟ୍ଟା ଯୁଗେଇ ଦେବାର୍ ସଙ୍ଗେ ବିମ୍‌ଲାଗଡ୍ ରେଲ୍‌ଲାଇନ୍ ଲାଗି ଜମି ଅଧିଗ୍ରହଣ କାମ୍ ଜଲ୍‌ଦି ସାର୍‌ବାର୍ ଉପ୍‌ରେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଜୋର୍ ଦେଇଛନ୍ । ଗଲାକାଏଲ୍ ଦେବ୍‌ଗଡ୍ ନ ରାଜସ୍ୱ ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିକରି ଜିଲ୍ଲାର୍ ସବୁ ସ୍କୁଲ୍ ଆଉ କଲେଜ୍‌କେ ସ୍ଥାୟୀ ଜମି ପଟ୍ଟା ଦେବାର୍‌କେ ସେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ବିସ୍ଥାପିତଙ୍କୁ ଜମି-ଆର୍‌ପିଡିଏସି ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ଆର୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ସୀମ୍‌ନା ନ ହେବାର୍‌କେ ଥିବାର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ନବରତ୍ନ କମ୍ପାନୀ - ଏନ୍‌ଆଇସିଆଇଏଲ୍‌ର ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରକଳ୍ପ ଇଲାକାଥି ସର୍‌କାରୀ ଜମିଥି ରହୁଥିବା ୪୦ ପରିବାର୍‌ଙ୍କୁ ବିସ୍ଥାପନ୍ ବାବଦ୍ ଭର୍‌ନା ଦେବାର୍‌କେ ନିଷ୍ପତି ହେଇଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆର୍‌ପିଡିଏସି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ ।

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ- ଏଏସ୍ଆଇ  ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ର ରତ୍ନଭଣ୍ଡାର୍ର ମରାମତି ପୁନରୁଦ୍ଧାର୍ ଆର୍ ସଂରକ୍ଷଣ୍ କାମ୍ ଜଲ୍ଦି ମୁଲ୍ କର୍ବାର୍କେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ ଏଏସ୍ଆଇକେ ଅନୁରୋଧ୍ କରିଛନ୍ । ଡକ୍ଟର୍ ପାଢ଼ୀ ଗଲାକାଏଲ୍ ନୂଆଦିଲ୍ଲୀ ନ ଏଏସ୍ଆଇ ମହାନିର୍ଦ୍ଦେଶକ୍ ଡକ୍ଟର୍ ଯଦୁବୀର୍ ସିଂ ରାଓ୍ୱତ୍ଙ୍କୁ ଭେଟିକରି ଇ ବାବ୍ଦେ ଆଲୋଚନା କରିଥିଲେ ।

ପୂଣ୍ୟତିଥି        ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ସାମ୍ବାଦିକ୍ ସଂଘ ତର୍ଫୁ ଗଲାକାଏଲ୍ ସାଂସ୍କୃତିକ କେନ୍ଦ୍ର ଠାନେ ନାଁକରା ସମାଜ୍ସେବୀ ଭାଗ୍ବତ୍ ପ୍ରସାଦ୍ ନନ୍ଦଙ୍କର୍ ୪ ନମ୍ବର୍ ପୂଣ୍ୟତିଥି ଅନୁଷ୍ଠିତ୍ ହେଇଯାଇଛେ । ଇଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ସ୍ୱର୍ଗତ ନନ୍ଦଙ୍କର୍ ଜୀବନ୍ ଦର୍ଶନ୍ ସମ୍କୁ ସମାଜ୍ସେବା ଲାଗି ତହଁକଉଥିଲା ବଲି କହିଥିଲେ ।

ଖଣ୍ଡାବସା ପରବ          କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲାର୍ ଜୁନାଗଡ୍‌ର ଅଧିଷ୍ଠାତ୍ରୀ ଦେବୀ ମା ଲଙ୍କେଶ୍ୱରୀ ଦେବୀଙ୍କର୍ ଖଣ୍ଡାବସା ପରବ୍ ହେଇଯାଇଛେ । ଗଲାକାଏଲ୍ ଉପର୍‌ବେଲା ବୀରବାଦ୍ୟ ଘୁମ୍‌ରା ଆର୍ ଘଂଟ୍ ଶଙ୍ଖ ସଙ୍ଗେ ମାଙ୍କର୍ ପାଟଖଣ୍ଡାକେ ମାର୍ଜନା ଉତ୍‌ରୁ ଗୁଟେ ପଟୁଆର୍‌ଥି ମନ୍ଦିର୍‌କେ ନିଆଯାଇଥିଲା । ଇଥି ହଜାର୍ ହଜାର୍ ଭକତ୍ ସାମିଲ୍ ହେଇଥିଲେ ।

ମନ୍ କି ବାତ୍          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି

ପଠେଇପାର୍‌ବେ । ଇତାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ମିଳିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ ।

ସ୍ୱଭାବ ସ୍ୱଚ୍ଛତା -ସଂସ୍କାର୍ ସ୍ୱଚ୍ଛତା ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ସ୍ୱଭାବ ସ୍ୱଚ୍ଛତା -ସଂସ୍କାର୍ ସ୍ୱଚ୍ଛତା ଅଭିଯାନ୍ କେ ବନେ ସଫଲତା ମିଲୁଛେ । ଅଭିଯାନ୍ ମୁଲ୍ ହେବାର୍ ହପ୍ତେ ଭିତ୍‌ରେ ଧାରିଜ୍ ୨୫ ଭାଗ୍ ଜାଗାମାନ୍‌କୁ ସ୍ୱଚ୍ଛ ସ୍ଥାନ୍ କରିକରି ସୌନ୍ଦର୍ଯ୍ୟକରଣ୍ କରାଯାଇଛେ । ସାରାଦେଶେ ଇ ଅଭିଯାନ୍‌ଥି ୧୫ ଲାଖ୍‌ନୁ ଅଏତ୍‌କା କାର୍ଯ୍ୟକ୍ରମ୍ ହେଉଛେ । ଇ ଅଭିଯାନ୍ ଆଏବା ମାସର୍ ୨ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍‌ଥି ଗୁଟେ ଲଘୁଚାପ୍ ସୃଷ୍ଟି ହେଇଥିବାର୍ ବେଲେ ରାଜ୍ୟର୍ ବଡ଼ଭାଗୀ ଇଲାକା ନ ପାଗ୍ ମେଘୁଆ ରହେବାର୍ ସଙ୍ଗେ ଖୋବ୍ ଜାଗା ନ ବର୍ଷା ହେଉଛେ । ଇ ଥିତି ଆହୁରି ୨/୩

ଦିନ୍‌ତକ୍ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏଜ୍ ପର୍ଶ୍ଚିମ ଓଡ଼ିଶାର୍ ନୂଆପଡ଼ା ଆର୍ କଲାହାଣ୍ଡି ଜିଲ୍ଲା ନ ବନିହାଁ ବର୍ଷା ହେବାର୍ ଆକଲନ୍ କରାଯାଇଛେ ।